# ଦାଦନ ଛାତ୍ର

**ରାଜୀବ ସଗରିଆ**

୭୭୪୯୯୫୪୩୨୭ //rajibs68@gmail.com

ମାଟ୍ରିକ ପରୀକ୍ଷା ପୂର୍ବର କଥା। ନୂଆପଡ଼ା ଜିଲ୍ଲା ଶିକ୍ଷାବିଭାଗ ଜାଣିଲା ଯେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ରହୁଛନ୍ତି। ଚୁଲାଭାଟ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଉଦ୍ୟମକ୍ରମେ ଭଇଁଷାଦାଦର ଗାଁର ଜଣେ ଦାଦନ ଛାତ୍ରୀଙ୍କୁ ତାର କାର୍ଯ୍ୟସ୍ଥଳୀରୁ ଆଣି ପରୀକ୍ଷା ଦେବାର ବ୍ୟବସ୍ଥା କରାଗଲା। ୫ଜଣରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରବାସରୁ ଆଣି ପରୀକ୍ଷାଦେବାର ବ୍ୟବସ୍ଥା ବି କରାଗଲା। ନିଶ୍ଚିତ ନୂଆପଡ଼ା ଜିଲ୍ଲାର ପ୍ରୟାସକୁ ଏକ ସଫଳ ପ୍ରୟାସ ବୋଲି କୁହାଯିବ। ସମସ୍ତଙ୍କୁ ଆଣିହେବ ଏହା ସମ୍ଭବ ନୁହେଁ। କେବଳ ସର୍ଦ୍ଦାର ବ୍ୟତୀତ ଅନ୍ୟ କେହି ଜାଣନ୍ତି ନାହିଁ ଯେ କିଏ କେଉଁଠି କାମ କରୁଛନ୍ତି। ତଦ୍ରୂପ ବଲାଙ୍ଗୀରରେ ୭୭ରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ହଉଛନ୍ତି। ଏହା ଦାଦନ ଇତିହାସରେ ଗୋଟିଏ ପୁରୁଣା କଥା। ଚଳିତବର୍ଷ ଏହାକୁ ଗୁରୁତ୍ୱ ଦେଇ ଚର୍ଚ୍ଚା ହେଉଅଛି ନିଶ୍ଚିତ ଗୋଟିଏ ଭଲ ଖବର। ଏଇଥିପାଇଁ ଭଲ ଖବର ଯେକୌଣସି ସରକାର ଦାଦନ ପ୍ରକ୍ରିୟା ଉପରେ କିଛି କରିପାରିବେ ନାହଁ କାରଣ ଏତେସଂଖ୍ୟକ ରୋଜଗାର ତାଙ୍କ ନିକଟରେ ନାହିଁ।

ଦ୍ୱିତୀୟ କଥା ହେଲା ସରକାରଙ୍କ ଦୃଷ୍ଟି ଆଢୁଆଳରେ ଚାଲିଥିବା ଦାଦନ ବେପାର ପରମ୍ପରା ହୋଇସାରିଲାଣି। ଏହା ଚାରିହଜାର କୋଟି ଟଙ୍କାରୁ ଅଧିକର ଏକ ବ୍ୟବସ୍ଥିତ ବଜାର ଅଟେ। ହଜାର ହଜାର କୋଟି ଟଙ୍କାର ବ୍ୟବସାୟ ଗୋଟିଏ ବଜାରକୁ ଆକୃଷ୍ଟ କରିବ, ଏହା ସ୍ୱାଭାବିକ କଥା। ଏହି ସ୍ୱାଭାବିକତା ପ୍ରତିରୋଧ ଅବା ନିୟନ୍ତ୍ରଣରୁ ମଧ୍ୟ ନିଜକୁ ମୁକ୍ତ ରଖିବା ପାଇଁ ଚାହିଁବ। ନିକଟ ଅତୀତରେ ଘଟିଥିବା ଏକ ଘଟଣା ବେଶ୍ ଚର୍ଚ୍ଚାରେ ଥିଲା। କଣ୍ଟାବାଞ୍ଜିର ଏକ ଘରୋଇ ହୋଟେଲରୁ କୋଟି ଟଙ୍କାରୁ ଅଧିକ କିଛି ବାହାର ରାଜ୍ୟର ଦାଦନ ବେପାରୀଙ୍କ ନିକଟରୁ ପୋଲିସ ଉଦ୍ଧାର କଲା। ସେ ମଧ୍ୟରୁ ଅଧାରୁ ଅଧିକ ଟଙ୍କା ଗାୟବ ହୋଇଗଲା। ଏହି ଘଟଣାରେ ଅବଶ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଗଲା। ଡକାୟତି ମାମଲା ରୁଜୁ ହୋଇପାରିଥାନ୍ତା ନା ନାହିଁ; ଏହା ଭିନ୍ନ କଥା। ଏହାର ଅନ୍ୟପଟ ଦୃଶ୍ୟ ଗୋଟିଏ ଘଟଣାକୁ ଆକଳନ କରିବାପାଇଁ ଯଥେଷ୍ଟ ଥିଲା। ଅଞ୍ଚଳର ପ୍ରମୁଖ ଦାଦନ ସର୍ଦ୍ଦାରମାନଙ୍କ ଏକ ସଭାହେଲା। ଏହି ସଭାର ନିଷ୍ପତ୍ତି ଅନୁସାରେ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଗଲା ଯେହେତୁ ସମସ୍ତ ଶ୍ରମିକଙ୍କୁ କାମ ଯୋଗାଯାଇଥାଏ ତେଣୁ ସମସ୍ତ ସରକାରୀ ଦସ୍ତାବେଜ ପରିଚାଳନାରେ ଆମେ କର୍ମଚାରୀ ନିଯୁକ୍ତି କରିବୁ। ଫଳତଃ ଶ୍ରମିକମାନଙ୍କ (ଦାଦନମାନଙ୍କ)ହକ୍ ଟଙ୍କା ନେଣଦେଣ ପରିଚାଳନା ସୁଗମ ହେବ ଓ ଆଇନଗତ ପରିଚାଳନା ଦୃଷ୍ଟିରୁ ମଧ୍ୟ ଉତ୍ତମ ଫଳ ମିଳିପାରିବ।

ପ୍ରକାରାନ୍ତେ ବର୍ତ୍ତମାନର ପ୍ରଶାସନିକ ନିୟନ୍ତ୍ରଣରୁ ଦାଦନ ବେପାରକୁ ମୁକ୍ତ ରଖିବାକୁ ଅନୁରୋଧ କରାଗଲା। କେତେ ଦାଦନ ଯାଇଛନ୍ତି ଶ୍ରମ ବିଭାଗ ନିକଟରେ ଅଲିଖିତ ଖବର ଥାଏ, କିନ୍ତୁ କିଏ କେଉଁଠାକୁ ଯାଇଛନ୍ତି ସେ ଖବର ନଥାଏ। ତେଣୁ ଛାତ୍ରଛାତ୍ରୀଙ୍କୁ ଉଚିତ ସମୟରେ ଠାବ କରିବା ପ୍ରଶାସନ ପାଇଁ ଅସମ୍ଭବ ହୋଇଯାଏ। ଶିକ୍ଷାବିଭାଗ ଓ ଶ୍ରମବିଭାଗ ସମନ୍ୱୟତା ରଖେ ନାହିଁ। ହୁଏତ କୌଣସି ବୈଧାନିକ ବାଧା ନାହିଁ ଯେ ଶିକ୍ଷାବିଭାଗ ନିଜ ଛାତ୍ରଛାତ୍ରୀଙ୍କ ଠିକଣା ପାଇବାରେ ଅସୁବିଧା ହେବ। ଶାସନର ଦୁଇଟି ବିଭାଗ ମଧ୍ୟରେ ସମନ୍ୱୟତା ନାହିଁ, ଏକଥା ବାରମ୍ବାର ପ୍ରଶାସନ ହିଁ ପ୍ରମାଣ କରିସାରିଛି।

ବିଗତ ଦଶବର୍ଷରେ ହଜାର ହଜାର ଦାଦନ ଶ୍ରମିକ ଶିଶୁଶ୍ରମିକ ସମେତ ଉଦ୍ଧାର ହୋଇ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ ଆଦି ରାଜ୍ୟରୁ ଗୋତି ଶ୍ରମିକର ପ୍ରମାଣପତ୍ର ନେଇ ଆସିଛନ୍ତି। ଗୋତିଶ୍ରମିକର ଆଇନ ଅନୁସାରେ ସମସ୍ତଙ୍କ ଥଇଥାନ ସରକାରଙ୍କ କର୍ତ୍ତବ୍ୟ କିନ୍ତୁ ପ୍ରମାଣପତ୍ର ପାଇଥିବା ସମସ୍ତ ଦାଦନ ପୁନର୍ବାର ଦାଦନ ଯାଇଥିବା ଅନେକ ପ୍ରମାଣ ଅଛି।

'ମିଶନ ଉଦ୍ଧାର' ଗୋଟିଏ ଆଳଙ୍କାରିକ ଶବ୍ଦର ବ୍ୟବହାର ବଲାଙ୍ଗୀର ପୋଲିସ କଲା। ଏହା ୧, ୨ ଓ ୩ କ୍ରମରେ ନିଜର ଅସ୍ତିତ୍ୱ ଆଜି ମଧ୍ୟ ରଖିଛି। ଏହି କାର୍ଯ୍ୟକ୍ରମ ଦାଦନପ୍ରବଣ ଅନ୍ୟ ଜିଲ୍ଲାମାନଙ୍କରେ ଆରମ୍ଭ କରାଗଲା। ହଜାର ହଜାର ଶ୍ରମିକ ଉଦ୍ଧାର ହେଲେ। ଏ ସମୟ

ଭିତରେ ଗୋଟିଏ ବି ଜିଲ୍ଲା କହିଲାନାହିଁ ଯେ ଉଦ୍ଧାର ଦାଦନ ଶ୍ରମିକମାନଙ୍କୁ ଏମ୍‌ଜିନରେଗା ମାଧ୍ୟମରେ ଉଦ୍ଧାର ଏତିକି ଦାଦନ ଶ୍ରମିକଙ୍କୁ ଏତିକି ଦିନର କାମ ଦିଆଗଲା। କାରଣ ପ୍ରଶାସନ ଜାଣିଥିଲା କୌଣସି ଉଦ୍ଧାର ଦାଦନ ନିଜ ଗାଁର ନାହାନ୍ତି। ଦାଦନ ଯାଇଛନ୍ତି, ତେଣୁ ଏହା ଏକ ନାଟକ। ପୋଲିସ ଜିଲ୍ଲାପାଳଙ୍କୁ ଉଦ୍ଧାର ଦାଦନଙ୍କ ତାଲିକା ଦେଇଦେଲେ ବିଭିନ୍ନ ଯୋଜନା ମାଧ୍ୟମରେ ସମସ୍ତଙ୍କୁ କାମ ଦେବା ଅସମ୍ଭବ ନୁହେଁ। ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ନାହିଁ। ଅଥବା ଦାଦନ ବେପାରକୁ ସୁରକ୍ଷିତ ରଖିବାପାଇଁ ଅନେକ ମାୟାବ୍ୟୁହ ରଚନା କରାଯାଏ।

ଗତ ଶତକର ଶେଷବେଳକୁ ଏନ୍‌ଜିଓ ଦାଦନ ମାମଲା ଉପରେ ହସ୍ତକ୍ଷେପ କଲା। ଲୋକଙ୍କ କୁକୁଡ଼ା, ଖେତ, ଖଟ, ଆଦିର ହିସାବ କରି ନିଜର ଅନେକପ୍ରକାର ଢଙ୍ଗରେ ଗବେଷଣା କଲା। ଅନେକ କାର୍ଯ୍ୟକ୍ରମ ହାତକୁ ନେଲା। ସେ ମଧ୍ୟରୁ ଗୋଟିଏ କାମ ହେଲା ଯେ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀଙ୍କୁ ଅସ୍ଥାୟୀ ଆବାସିକ କେନ୍ଦ୍ର ତିଆରି କରି ତାଙ୍କର ପାଠପଢ଼ାକୁ ନିୟମିତ ରଖାଯିବାର କାମ କରାଗଲା। ଏପରିକି ପ୍ରବାସରେ ଇଟାଭାଟି ନିକଟସ୍ଥ ଗାଁମାନଙ୍କରେ ଓଡ଼ିଆ ଯୁବକମାନଙ୍କୁ ତାଲିମଦେଇ ଶିକ୍ଷା ଦିଆଗଲା। ଅନେକ ଶିକ୍ଷକ ଦାଦନ ସର୍ଦ୍ଦାର କାମ ବି କଲେ ଏହା ଭିନ୍ନ କଥା; କିନ୍ତୁ ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ନିରନ୍ତରତା ରହିଲା। ଏହାକୁ ଆମେରିକା ଇଣ୍ଡିଆ ଫାଉଣ୍ଡେସନ, ଏକ୍ସନ ଏଡ୍, ଏଡେଡ୍ ଏକ୍ସନ ଭଳି ସଂସ୍ଥାମାନେ ସହଯୋଗ ମଧ୍ୟ କଲେ। ପରେ ସରକାରୀ ବିଭାଗ ମଧ୍ୟ ଏହା ପରିଚାଳନା କରିଥିଲା। ସାମୟିକ ଆବାସିକ ଯୋଜନା ହୋଇଥିଲେ ମଧ୍ୟ ସରକାରୀ ବିଭାଗ ଛୁଟିଦିନ ମାନଙ୍କରେ ଛାତ୍ରଛାତ୍ରୀଙ୍କ ପାଇଁ ରାସନ ଦେଉ ନଥିଲା। ଏହି ଯୋଜନାରେ ଯେଉଁ ଏନ୍‌ଜିଓମାନେ ସହଯୋଗ କରୁଥିଲେ ସେମାନଙ୍କୁ ଖର୍ଚ୍ଚ ହୋଇଥିବା ଟଙ୍କାଦେବାରେ ମାସମାସ ବିଳମ୍ବ ବି ବିଭାଗଦ୍ୱାରା ହୋଇଥିଲା। ପରବର୍ତ୍ତୀ ସମୟରେ ଶିକ୍ଷକଙ୍କ ଦାୟିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହେଲା ଓ ପରେ ସରକାର ଉଦାସୀନ ହୋଇଗଲେ। ଦାଦନ ପରିବାରର ଛାତ୍ରଛାତ୍ରୀ ପରିବାର ସହ ପ୍ରବାସ କଲେ।

ଦାଦନ ଚରିତ୍ରଦୃଷ୍ଟିରୁ ଏମିତି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ଛାତ୍ର ଅବା ଛାତ୍ରୀପରୀକ୍ଷା ଓ ପ୍ରବାସ ମଧ୍ୟରୁ ପ୍ରବାସକୁ ବାଛିବାପାଇଁ ବାଧ୍ୟ ହୋଇଥାଏ। ସମସ୍ତ ପରିବାର ଜଣକୁ ଛାଡ଼ି ଦାଦନ ଖଟି ଯାଇପାରିବେ ନାହିଁ। ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ଏକ ପ୍ରକ୍ରିୟା ଯେତେବେଳେ ପରମ୍ପରା ହୋଇସାରିଲାଣି ଦାଦନ ବଂଶଧର ଶିକ୍ଷାରୁ ବଞ୍ଚିତ ରହିବେ ଏହା ଅବଧାରିତ। ଶିକ୍ଷା ଅଧିକାର ଆଇନ ପ୍ରସଙ୍ଗ ଯଦି ଉତ୍‌ଥାପନ କରାଯାଏ ତାହାହେଲେ ଖାଦ୍ୟ ଅଧିକାର ଆଇନ ବିଷୟ ଚର୍ଚ୍ଚାକରିବା ଉଚିତ ହେବ।

ଖାଦ୍ୟ ଅଧିକାର ଆଇନ ପ୍ରଣିତ ହେବାପୂର୍ବରୁ ଯୋଗାଣ ବ୍ୟବସ୍ଥା ମାଧ୍ୟମରେ ସରକାର ରିହାତି ଦରରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ଚାଉଳ ଯୋଗାଉଥିଲେ। ସେତେବେଳେ ପ୍ରବାସରେ ଦାଦନ ଶ୍ରମିକ ପରିବାର ଖୁଦ, ଅବା କୁକୁଡ଼ା ଖାଦ୍ୟବଜାରରୁ କିଣି ଖାଉଥିଲେ। ଯାହାକୁ କନକି ବୋଲି କହୁଥିଲେ। 'ହାଦ୍ରା (ହାଇଦ୍ରାବାଦ ଏବଂ ସାମଗ୍ରିକ ଅର୍ଥରେ ତତ୍କାଳୀନ ଆନ୍ଧ୍ରପ୍ରଦେଶ)ର କନକି, ପେଟ ଯାଏସି ଦନକି' ବୋଲି ଦାଦନ ଶ୍ରେଣୀ ଢଗ କହନ୍ତି। ସାଧାରଣ ଯୋଗାଣ ବ୍ୟବସ୍ଥା ଏକ ରାଷ୍ଟ୍ରୀୟ ଯୋଜନା ଅଟେ। ନିଶ୍ଚୟ ଦାଦନ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଅଟନ୍ତି। ରାଷ୍ଟ୍ରର ନାଗରିକ ଯେକୌଣସି ସ୍ଥାନରେ ନିଜର ରିହାତି ଖାଦ୍ୟସାମଗ୍ରୀ ପାଇବା ଅଧିକାର ରଖେ। ସେ କନକି ଖାଇଥାଏ। ଖାଦ୍ୟସୁରକ୍ଷା ଯୋଜନା ଯେତେବେଳେ ଖାଦ୍ୟ ଅଧିକାର ଆଇନ ହୋଇଗଲା ସେ ସମୟରେ ମଧ୍ୟ ମୁଣ୍ଡପିଛା ପାଂଚକେଜି ଚାଉଳ ପ୍ରବାସରେ ଅପହଞ୍ଚ ହୋଇଗଲା। ଶିକ୍ଷା ଓ ପରୀକ୍ଷାବ୍ୟବସ୍ଥା ଦାଦନ ଛାତ୍ରଛାତ୍ରୀଙ୍କ ପାଇଁ କେତେ ଅପହଂଚ, ତାହା ସହଜରେ ଅନୁମାନ କରିହେବ।

ଛାତ୍ରଛାତ୍ରୀ କେବଳ ଚଳିତବର୍ଷ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି ଏହା ନୁହେଁ, ଏହି ଘଟଣା ବହୁ ପୁରାତନ। ମୂଳରୁ ଚଳି ଆସୁଥିବା ଏହି ପୁରୁଣା ଘଟଣା ଆଜି କାହିଁକି ଚର୍ଚ୍ଚାକୁ ଆସିଲା ?

ଅଢ଼େଇ ଦଶନ୍ଧି ପ୍ରାୟ ପୁରୁଣା ସରକାର ପରେ ନୂଆ ସରକାର ରାଜ୍ୟଭାର ସମ୍ଭାଳିଛନ୍ତି। ସରକାରକୁ ଆସିଲା ପରେ ଦାଦନ ଟାସ୍କଫୋର୍ସ ତିଆରି କଲେ। ଦାଦନପ୍ରବଣ ଅଞ୍ଚଳର ବିଧାୟକ ତଥା ସରକାରଙ୍କ ଉପମୁଖ୍ୟମନ୍ତ୍ରୀଙ୍କୁ ଏହାର ଅଧ୍ୟକ୍ଷ ରଖିଲେ। ଘଟଣା ସତହେଲେ ବି ରାଜନୈତିକ ଉଦ୍ଦେଶ୍ୟ ନାହିଁ ଏହା କହିବା ଭୁଲ ନୁହେଁ। କିନ୍ତୁ ଏହା ନିଶ୍ଚିତ ଯେ ଟାସ୍କଫୋର୍ସ ଏକ ଶକ୍ତିଶାଳୀ ବିଭାଗ। ଯେହେତୁ ଏହାର ଅଧ୍ୟକ୍ଷ ଉପମୁଖ୍ୟମନ୍ତ୍ରୀ ଅଛନ୍ତି। ଏହା ଗଠନ ହେଲା ପରେପରେ ଦାଦନ ପ୍ରବାସ ଆରମ୍ଭ ହୋଇ ସାରିଥିଲା। ଏହି ସମୟରେ ଦାଦନ ଶ୍ରମିକଙ୍କ ବିବରଣୀ ସଂଗ୍ରହ ସମ୍ଭବ ହୋଇପାରି ନାହିଁ। ଛାତ୍ରଛାତ୍ରୀ ପରୀକ୍ଷାରୁ ବଞ୍ଚିତ ହେବା ଘଟଣା ଟାସ୍କଫୋର୍ସ ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚନା ହୋଇପାରେ। କିନ୍ତୁ ଦାୟୀ କରିବା ସମୀଚିନ ହୋଇ ନପାରେ। ଅବଶ୍ୟ ପୂର୍ବ ସରକାରର ପ୍ରଥମ ନଅବର୍ଷ ଭାଜପା ରାଜ୍ୟରେ ଭାଗୀଦାର ଥିଲା। ଦାଦନ ବିଷୟରେ ସରକାର ଅନଭିଜ୍ଞ ଅଥବା ପ୍ରାଥମିକ କାର୍ଯ୍ୟ ଆରମ୍ଭ କରିବାରେ ଟାସ୍କଫୋର୍ସ ଅପ୍ରସ୍ତୁତ ଏହା ନିଶ୍ଚିତ ଭୁଲ କଥା।

ଟାସ୍କଫୋର୍ସ ତିଆରି ହେଲା ସରକାର ଘୋଷଣା କଲେ ଓ ଲୋକ ଜାଣିଲେ। ଟାସ୍କଫୋର୍ସର କଳେବର କିଭଳି ତିଆରି ହେବ? ଏହାର କ୍ଷମତା କେତେ ରହିବ? ଶ୍ରମ ଆଇନ ପରିଚାଳନାରେ ଏହାର ଭାଗିଦାରୀ କଣ? ଦାଦନଙ୍କ ଗମନାଗମନ ଓ କାର୍ଯ୍ୟକ୍ଷେତ୍ରରେ କାମ କଣ ରହିବ? କାର୍ଯ୍ୟକ୍ଷେତ୍ରରେ ଏହାର କ୍ଷମତା କେତେ ରହିବ? କର୍ମନିଯୁକ୍ତି ହୋଇଥିବା ରାଜ୍ୟ ସରକାରଙ୍କ ସହ ଏହାର ସମ୍ପର୍କ କଣ ରହିବ? ଏ ସମସ୍ତ ବିଷୟ ଉପରେ କୌଣସି ବିସ୍ତାର ନାହିଁ। ଅର୍ଥାତ ଟାସ୍କଫୋର୍ସର କାମ ଆରମ୍ଭ ହୋଇନାହିଁ। ଏହା କାର୍ଯ୍ୟକ୍ଷମ ହେଲାପରେ ଏହାର ପ୍ରଭାବ ବିଷୟରେ ଆଲୋଚନା କରାଯାଇପାରେ। ଅବଶ୍ୟ ପ୍ରାଥମିକ ପଦକ୍ଷେପ ଭାବରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆଣି ତାଙ୍କର ଶିକ୍ଷା ଅଧିକାରକୁ ସାବ୍ୟସ୍ତ କରାଯାଇ ପାରିଥାନ୍ତା।

ଦାଦନ ସୁଦୂରପ୍ରସାରୀ ସାମାଜିକ ସମସ୍ୟା ତିଆରି କରେ। ଦାଦନ ପ୍ରତି ସରକାରୀ ନିୟନ୍ତ୍ରଣ ଓ ତମାମ ସରକାରୀ ଯୋଜନା ଦାଦନକୁ ରୋକି ପାରି ନାହିଁ। ଏପରିକି ଏହାର ପୂର୍ଣ୍ଣାଙ୍ଗ ସୂଚନା ପାଇଁ ମଧ୍ୟ ପ୍ରଶାସନ ଅସମର୍ଥ ଅଟେ। ତମାମ ପ୍ରକ୍ରିୟାରେ ସରକାର, ପ୍ରଶାସନ, ଏନ୍‌ଜିଓ, ବୁଦ୍ଧିଜୀବୀ ଆଦି ଦାଦନକୁ ଦେଖୁଥିବା ଲୋକ ଏହାକୁ ସମସ୍ୟା କହନ୍ତି। କିନ୍ତୁ ନିଜେ ଦାଦନ ଏହାକୁ ହିଁ ସମାଧାନ ବୋଲି ଭାବେ। ଅତି କମ୍ ଦୁଇଶତକର ଲୁଟ୍ ପରେ ଗୋଟିଏ ଜାତି ନିଃସ୍ୱ ହୋଇଯାଏ। ପେଟପାଇଁ ଭିଟାମାଟି ଛାଡ଼ିବା ଭଳି କରୁଣତମ ସମାଧାନ ଖୋଜେ। ତାହା ହେଉଛି ପ୍ରବାସ। ଏହାଠାରୁ ବଳି ଦାଦନ। ପ୍ରବାସୀ ଶ୍ରମିକ ହୁଅନ୍ତୁ ଅବା ଦାଦନ; ଏହା ତାଙ୍କ ପାଇଁ ସମାଧାନ ଅଟେ। ଲକ୍ଷ ଆକାରରେ ଗୋଟିଏ ବଡ଼ସଂଖ୍ୟାକୁ ଅଟକାଇବା ସାମର୍ଥ୍ୟ ପ୍ରଶାସନ ପାଖରେ ନାହିଁ। ଯେହେତୁ ସେମାନେ ରୋଜଗାର ପାଇଁ ଯାଉଛନ୍ତି, ମାନବିକତା ଦୃଷ୍ଟିରୁ ସେମାନଙ୍କୁ ଅଟକ କରିବା ଅପରାଧ ହିଁ ଅଟେ। ଏହା ବି ପ୍ରଶାସନିକ ଉଦାସୀନତାର ଗୋଟିଏ କାରଣ ଅଟେ। କାରଣ ପ୍ରଶାସନ ସମେତ ସରକାର ବି ଜାଣନ୍ତି ଏତେସଂଖ୍ୟକ ଲୋକଙ୍କୁ ବ୍ୟବସ୍ଥିତ କାମ ଯୋଗାଇବା ପାଇଁ ନା ସାମର୍ଥ୍ୟ, ନା ଯୋଜନା ରହିଅଛି। ତେଣୁ ଦାଦନ ଏକ ନିରଙ୍କୁଶ ବ୍ୟବସ୍ଥା ହୋଇପାରିଛି।

ଲକ୍ଷାଧିକ ସଂଖ୍ୟାର ଗୋଟିଏ ମାନବ ଆକାରକୁ ସ୍ଥାନାନ୍ତରଣ, କର୍ମଯୋଗାଣ, ପାରିଶ୍ରମିକ, ସୁରକ୍ଷା ଆଦି ପରିଚାଳନା ପାଇଁ ଅତି କମ୍‌ସଂଖ୍ୟକ କର୍ମଚାରୀ ରହିଥାନ୍ତି। ଆଇନ, ସରକାରୀ ବିଧିବିଧାନ ଆଦି ପୁରା କରିବା ଗୋଟିଏ ମାତ୍ରାଧିକ ବୋଝ। କାରଣ ଜଣେ ଲୋକ ଶ୍ରମିକ ସଂଗ୍ରହଠାରୁ ଗମନାଗମନ ଓ କାର୍ଯ୍ୟସ୍ଥଳୀ ପର୍ଯ୍ୟନ୍ତ ପହଞ୍ଚାଇବା କାମ କରିଥାଏ। ଏ ପ୍ରକ୍ରିୟା ଭିତରେ ଅଗ୍ରିମ ବାଟଖର୍ଚ୍ଚ ଯାତାୟତ ଆଦି ରହିଥାଏ। ଅର୍ଥାତ ଜଣେ ଦାଦନ ବଜାରର କର୍ମଚାରୀ ତାର ବହୁବିଧ ଦକ୍ଷତାକୁ ଉପଯୋଗ କରିଥାଏ। ଏହା ଉପରେ ସରକାରୀ ହସ୍ତକ୍ଷେପ। ଅବଶ୍ୟ ଏହା ସରକାରୀ ଲୋକଙ୍କୁ ମଧ୍ୟ ଅଲିଖିତ ଲାଭ ଦେଇଥାଏ। ଦାଦନ ପରିଚାଳନାରେ ଥିବା ଗୋଷ୍ଠୀ ପ୍ରଶାସନିକ ବ୍ୟବସ୍ଥା ଅପେକ୍ଷା ଅଧିକ ଦକ୍ଷ। ଦକ୍ଷତାର ଗୋଟିଏ ବଡ଼ ପ୍ରଭେଦ ଥିବାସତ୍ତ୍ୱେ ମାନ୍ୟତା ଭିନ୍ନ। ନିୟମ ପାଳନକାରୀ ଓ ନିୟମ ଉଲ୍ଲଙ୍ଘନକାରୀ। ଦେଢ଼ଶୁର ଭାଇବୋହୂ ଭଳି ଟିକିଏ ଅପସରି ଗଲେ ସବୁ କାମ ସହଜ ହୋଇଯାଏ। ଅବଶ୍ୟ ଟଙ୍କା ବି ଗୋଟିଏ କାରଣ। ତେଣୁ ଦାଦନ ବ୍ୟବସ୍ଥା ନିର୍ବିଘ୍ନରେ ଚାଲିଥାଏ। ତେଣୁ ଭାଇବୋହୂର ସୂଚନା ଭଳି ଦାଦନର ସୂଚନା ମଧ୍ୟ ପ୍ରଶାସନ ରଖି ନଥାଏ।

ତଦ୍ରୂପ ଗଣମାଧ୍ୟମ ମଧ୍ୟ। ନିକଟରେ ଗୋଟିଏ ଗଣମାଧ୍ୟମ ସରକାରୀ ପରିସଂଖ୍ୟାନ ଆଧାରରେ ବାଲ୍ୟବିବାହକୁ ଦାଦନ ସହ ଯୋଡ଼ିଛନ୍ତି। ଦମ୍ପତ୍ତିଙ୍କୁ ଅଧିକ ଅଗ୍ରୀମ ଦିଆ ଯାଉଥିବା କାରଣରୁ ବାଲ୍ୟବିବାହ ବଢୁଥିବା ତାଙ୍କ କୌଣସି ସୂଚନା କହେ। ଅଗ୍ରୀମ କ୍ଷେତ୍ରରେ ଏପରି କୌଣସି ବ୍ୟବସ୍ଥା ନାହିଁ। ଫସଲ ଅମଳ ପରେପରେ ବିବାହ ସମୟ ଉପଯୁକ୍ତ ହୋଇଥାଏ। ଯେହେତୁ ଦାଦନ ଫସଲ ଅମଳ ପୂର୍ବରୁ ଯାଇଥାନ୍ତି, ତେଣୁ ଅସମୟରେ ବିବାହ କରେଇ ଥାନ୍ତି। ଅପରନ୍ତୁ ଝିଅ ପ୍ରବାସରେ ମଧ୍ୟ ନିଜ ପରିବାର ସହ ଥାଏ।

ଅଗନାଅଗନି ବନସ୍ତରେ ବୁଢ଼ୀ ଅସୁରୁଣୀର କଳ୍ପନାଭଳି ଦାଦନକୁ ନେଇ ମଧ୍ୟ ଅନେକ କାଳ୍ପନିକ କଥା ତିଆରି କରାଯାଏ। କାରଣ ଏହା ଏକ ସଂଗୋପିତ ପ୍ରକ୍ରିୟା। ଏହି ସଂଗୋପନ ଯୋଗୁଁ ଅନେକ ମାନବାଧିକାର ହନନର ଘଟଣା ଘଟେ। ପ୍ରଶାସନ ଜାଣିପାରେ ନାହିଁ। ଦଶନ୍ଧି ଧରି ଦାଦନ ଗୋତି ଶ୍ରମିକ ବୋଲି ସରକାରୀ ପ୍ରମାଣ ପାଇସାରିଲା ପରେ ବି ଏଥିପ୍ରତି କୌଣସି ପ୍ରତିକାରାତ୍ମକ ବ୍ୟବସ୍ଥା ଗ୍ରହଣ ନକରିବା ଅନେକ ପ୍ରଶ୍ନକୁ ଜନ୍ମ ଦିଏ। ଦାଦନ ପୁରାତନ କ୍ରୀତଦାସ ପ୍ରଥାର ଗୋଟିଏ ଚଳନ୍ତି ଉଦାହରଣ ହିଁ ଅଟେ। ଲାଇସେନ୍ସ ବ୍ୟତୀତ ଅନ୍ୟ ସବୁ ପ୍ରବାସ ଧର୍ତ୍ତବ୍ୟ ନିଶ୍ଚୟ।

୨୦୨୪ ନିର୍ବାଚନ କୌଣସି କାରଣରୁ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ଘୋଷଣା କଲେ ଯେ ସମସ୍ତ ଦାଦନଶ୍ରମିକ ନିଜ ନିଜ ଗାଁକୁ ଆସି ଭୋଟ କରିବେ। ପ୍ରଶାସନର ଏହା ବୃଥା ଆସ୍ଫାଳନ ଥିଲା। ପ୍ରଶାସନ ପାଖରେ ନିଶ୍ଚିତ ଖବର ନାହିଁ ଯେ ଲାଇସେନ୍ସ ପାଇଥିବା ସର୍ଦ୍ଦାରର ଶ୍ରମିକ କେଉଁଠି ଦାଦନ ଖଟୁଛନ୍ତି? ଭୋଟବେଳକୁ ଦାଦନ ତ ଆସିବେ ନିଶ୍ଚୟ। କାରଣ ଏତେ ଖର୍ଚ୍ଚିଲା ନିର୍ବାଚନରେ ଏହା ବଡ଼କଥା

ନୁହେଁ। ଆସିଲେ ମଧ୍ୟ, ଏହା ନୁହେଁ ଯେ ପୂର୍ବରୁ ଏହା ଘଟି ନଥିଲା। କିନ୍ତୁ ପ୍ରଶାସନ ଅସମ୍ଭବ ଭାବେ ଚୁପ ରହିଲା, ଖୋଦ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲାରୁ ବିଧାୟକ ପ୍ରାର୍ଥୀ ହେଲେ। ଦାଦନ ଶ୍ରମିକ କାହାକୁ ଭୋଟ ଦେଇଛନ୍ତି ? ପ୍ରଶ୍ନର ଉତ୍ତର ପ୍ରଶାସନକୁ କଲବଲ କରିଥାନ୍ତା। ଛାତଛାତ୍ରୀଙ୍କ ବି ତ ଅଧିକାର ଅଛି ପରୀକ୍ଷା ଦେବା ? ଭୋଟରର ଏକ ପ୍ରତିଶତ ସଂଖ୍ୟା ବି ନୁହେଁ ପରୀକ୍ଷାର୍ଥୀଙ୍କର। ଏତେବେଳକୁ ପ୍ରଶାସନ କାହିଁକି ନିରବ ରହିଲା ?

ଦାଦନ ଏତେ ଚର୍ଚ୍ଚାରେ ଥାଇ ମଧ୍ୟ କୌଣସି ସରକାର ଆଜି ପର୍ଯ୍ୟନ୍ତ ଗୋଟିଏ ଟୋଲ ଫ୍ରି ନମ୍ବର ଜାରି କରିପାରି ନାହାନ୍ତି। ଦାଦନ ପରିବାର ପ୍ରବାସ କରୁଥିବା ରାଜ୍ୟ ସରକାରଙ୍କ ସହ ସମ୍ପର୍କ ବହୁତ ଦୂରର କଥା।

ଦାଦନ, କେବଳ ଅଗ୍ରୀମ ନେଇ ଲୋକେ କାମ କରିଯାଆନ୍ତି ନାହିଁ, ଅନେକଙ୍କୁ ରୋଜଗାରର ପନ୍ଥା ବି ଯୋଗାଇ ଯାଇଥାନ୍ତି। ଦାଦନ ଏକ ଶବ୍ଦ ଯାହା ବର୍ତ୍ତମାନ ରାଜ୍ୟରେ ଏକ ଚର୍ଚ୍ଚାର ବିଷୟ ହୋଇଛି। ଅନେକ ଜଟିଳତାର ସମାହାର ଏହି ଗୋଟିଏ ଶବ୍ଦ। ସେମିତି ପ୍ରକ୍ରିୟା ମଧ୍ୟ। ଲୋକେ ବାଧ୍ୟହୋଇ ଦାଦନ ଯାଇଥାନ୍ତି। ହଜାର କୋଟି ଆକାରର ଟଙ୍କା ନେଣଦେଣ ହୁଏ। ହଠାତ ଏତେ ଲୋକ ଉଭାନ ହୋଇଯାନ୍ତି। ପୂର୍ବରୁ ଏମାନଙ୍କ ପିଡିଏସ୍ ଯୋଜନାର ରିହାତି ଖାଦ୍ୟ ଗୋଟିଏ ବଜାର ତିଆରି କଲା। ରିସାଇକ୍ଲିଂ ଓଡ଼ିଶା ଯୋଗାଣ ବିଭାଗର ଗୋଟିଏ ଅଘୋଷିତ ପ୍ରକ୍ରିୟା। ଯେଉଁଥିରେ ବଡ଼ଭାଗ ପ୍ରବାସୀ ଦାଦନଙ୍କ ହକ୍ ଚାଉଳ ଅଟେ। ଏଥିଯୋଗୁଁ ଚାଷୀର ଧାନ ମିଲର କିଣିଲାବେଳେ ଖାନାପୁରି ହୋଇଥାଏ କେବଳ। ମଣ୍ଡିରେ ବେପାରୀ ନିଜ ଇଚ୍ଛା ଅନୁସାରେ ଚାଷୀଠାରୁ ଧାନ କିଣିପାରେ। ଏନ୍‌ଜିଓଙ୍କ ନିକଟକୁ କୋଟି କୋଟି ଟଙ୍କାର ଅନୁଦାନ ଆସେ। ଏନ୍‌ଜିଓ ମଧ୍ୟ ଅନୁଦାନ ଆକର୍ଷଣକାରୀ ତଥ୍ୟ ସଂଗ୍ରହ ଓ ପ୍ରସ୍ତୁତ କରେ। ଗୋଟିଏ ବେପାର ଅନେକ ପାର୍ଶ୍ୱ ବେପାର ତିଆରି କରିଥାଏ।

ଜଣେ ଦାଦନ ଏସବୁର ଧାର ଧାରେ ନାହିଁ। ତାହାକୁ ପେଟ ପାଇଁ ପ୍ରବାସ କରିବାର ଅଛି। ଅପମାନ, ନିର୍ଯାତନା ସବୁ ଭୋକ ନିକଟରେ ଅର୍ଥହୀନ ହୋଇପଡନ୍ତି। ନାଗରିକ, ମାନବ, କାମ, ଖାଦ୍ୟ କି ଶିକ୍ଷାର ଅଧିକାରରେ ତାଙ୍କର ଯାଏ କେତେ ? ଆସେ କେତେ ?

*ଏହି ଲେଖାଟି ଲେଖକଙ୍କ ନିଜସ୍ୱ ମତ*